# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 22 June – 2024

## ସୌର ପ୍ୟାନେଲ୍

ରାଜ୍ୟର ୧୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୫୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୌର ପ୍ୟାନେଲ୍ ସ୍ଥାପନ କରାଯିବ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏଥିପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା-ଓରେଡା କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଆଦିବାସୀ ଅଞ୍ଚଳ ଯୋଜନା ପାଣ୍ଠି ଏବଂ ଅନୁସୂଚିତ ଜାତି ଯୋଜନା ପାଣ୍ଠି ଏ ସଂକ୍ରାନ୍ତ ଅର୍ଥ ବ୍ୟୟ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟର ଅନ୍ୟ ୪୦୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୩୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।

## ଆରୋଗ୍ୟ କେନ୍ଦ୍ର

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ଆରୋଗ୍ୟ କେନ୍ଦ୍ର ଖୋଲିବାର ପ୍ରସ୍ତାବ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଏଥିରେ ଜଣେ ଲେଖାଏଁ ଯୋଗ ପ୍ରଶିକ୍ଷକ ନିଯୁକ୍ତ ହେବେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ସମସ୍ତ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି । ସେ କହିଛନ୍ତି ଏହି ଆରୋଗ୍ୟ କେନ୍ଦ୍ର ମାଧ୍ୟମରେ ଯୋଗ, ଆୟୁର୍ବେଦ ଏବଂ ୟୁନାନୀ

ଚିକିତ୍ସାର ଉପାଦେୟତା ଉପରେ ଜନସଚେତନତା ବୃଦ୍ଧି ଲାଗି ପଦକ୍ଷେପ ନିଆଯିବ ।

## ଉପଦେଷ୍ଟା ଦାୟିତ୍ୱ ମୁକ୍ତ

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ପୂର୍ବ ସରକାରଙ୍କ ଅମଳରେ ନିଯୁକ୍ତ ହୋଇଥିବା ଉପଦେଷ୍ଟାମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉପଦେଷ୍ଟାଙ୍କ ନିଯୁକ୍ତି ଦ୍ୱାରା ସରକାରୀ କାର୍ଯ୍ୟକ୍ରମ କିମ୍ବା ବିଭାଗୀୟ କାର୍ଯ୍ୟଦକ୍ଷତା ବୃଦ୍ଧିରେ କୌଣସି ଉନ୍ନତି ପରିଲକ୍ଷିତ ହେଉନଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ୩ ଜଣ ଉପଦେଷ୍ଟା ଏବଂ ବିଭିନ୍ନ ନିଗମର ଅଧ୍ୟକ୍ଷ ପୂର୍ବରୁ ଇସ୍ତଫା ପ୍ରଦାନ କରିସାରିଛନ୍ତି ।

## ଦେବସ୍ନାନ

ଶ୍ରୀକ୍ଷେତ୍ର ପୁରୀରେ ଆଜି ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେଉଛି । ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ବେଦୀକୁ ବିଜେ କରୁଛନ୍ତି । ମଙ୍ଗଳାର୍ପଣ ନୀତି ପରେ ପ୍ରଥମେ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ବିଜେ ନୀତି ଚାଲିଛି । ଅପରାହ୍ନ ୧୨ଟା ୨୦ରୁ ୧୨ଟା ୪୫ ମିନିଟ୍ ମଧ୍ୟରେ ଜଳବିଜେ ଏବଂ ସ୍ନାନ ନୀତି ଅନୁଷ୍ଠିତ ହେବ । ୧୦୮ ଗଡ୍ଡୁ ସୁବାସିତ ଜଳରେ ସ୍ନାନ ବେଦୀ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ନିତି ଅନୁଷ୍ଠିତ ହେବ ।

ଅପରାହ୍ନ ୩ଟାରେ ଛେରାପହଁରା ଏବଂ ପରେ ଶ୍ରୀଜୀଉଙ୍କର ଗଜବେଶ ଅନୁଷ୍ଠିତ ହେବ । ଏଥିପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।

## ୟୁଜିସି ନେଟ୍ ପରୀକ୍ଷା ସ୍ଥଗିତ

ଜାତୀୟ ପରୀକ୍ଷଣ ସଂସ୍ଥାନ-ଏନ୍‌ଟିଏ ଦ୍ୱାରା ପରିଚାଳିତ କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ-ସି.ଏସ୍.ଆଇ.ଆର୍. ୟୁଜିସି ନେଟ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ।ଏନ୍‌ଟିଏ ପକ୍ଷରୁ ଗତ ସନ୍ଧ୍ୟାରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ପରୀକ୍ଷା ସଂପର୍କିତ ପରବର୍ତ୍ତୀ ସୂଚନା ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି ।

ସୂଚନାଯୋଗ୍ୟ ଏହି ପରୀକ୍ଷା ଆସନ୍ତା ୨୫ରୁ ୨୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାର ଥିଲା ।

---

## ସପ୍ଲିମେଣ୍ଟାରୀ ପରୀକ୍ଷା

**ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ମାସ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଉଭୟ ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷା ଗୋଟିଏ ସିଟିଙ୍ଗ୍‌ରେ ଏବଂ ଏକା ପ୍ରଶ୍ନପତ୍ରରେ କରାଯିବ । ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି**

**ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । କେବଳ ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।**

# ଓଟିଇଟି

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ଅଗଷ୍ଟ ୯ ତାରିଖରେ ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହି ପରୀକ୍ଷା ନିମନ୍ତେ ଅନ୍‌ଲାଇନ୍ ଆବେଦନ ପାଇଁ ଆସନ୍ତାକାଲି ଠାରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି । ପରିଷଦର ୱେବ୍‌ସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍ ଜରିଆରେ ଆବେଦନ କରାଯାଇ ପାରିବ । ଦେୟ ଦାଖଲର ଚୂଡ଼ାନ୍ତ ସମୟସୀମା ଆସନ୍ତାମାସ ୬ ତାରିଖକୁ ଧାର୍ଯ୍ୟ କରାଯାଇଛି । ଅଗଷ୍ଟ ୨ ତାରିଖରେ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷାର୍ଥୀଙ୍କୁ ଆଡମିଟ୍‌କାର୍ଡ ପ୍ରଦାନ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

# ଦକ୍ଷତା କେନ୍ଦ୍ର-ନାମଲେଖା

ରାଜ୍ୟରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମ ଲେଖା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେଉଛି । ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଅଧୀନରେ ଥିବା ବିଭିନ୍ନ ପାଠ୍ୟକ୍ରମରେ ଏହି ନାମ ଲେଖାଯିବ । ଆସନ୍ତା ଅଗଷ୍ଟ ମାସ ୩୦ ତାରିଖ ସୁଦ୍ଧା ଇଚ୍ଛୁକ ଛାତ୍ରଛାତ୍ରୀ ଏଥିପାଇଁ **www.worldskillcentre.org** ମାଧ୍ୟମରେ ଆବେଦନ କରିପାରିବେ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ରାଜ୍ୟର ୨୪ଟି ଜିଲ୍ଲାକୁ ଛୁଇଁଛି।  ପାଗଲ ଅନୁକୂଳ ରହିବାରୁ ମୌସୁମୀ ପୁଣି ସକ୍ରିୟ ହେବା ସହ ବିଭିନ୍ନ ଜିଲ୍ଲାକୁ ପ୍ରବେଶ କରୁଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହେଉଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ  ବର୍ଷା ହୋଇପାରେ । ରାଜ୍ୟର ଅନ୍ୟ ଅଞ୍ଚଳ ଗୁଡ଼ିକୁ ଆସନ୍ତାକାଲି ସୁଦ୍ଧା ମୌସୁମୀ ସ୍ୱର୍ଶ କରିବ ବୋଲି ପାଣିପାଗ କେନ୍ଦ୍ର କହିଛି ।